# NATIONAL NEWS BULLETIN (ODIA)
## 26 November - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ସାମ୍ବିଧାନିକ ଆଦର୍ଶକୁ ନିଜ ଆଚରଣରେ ଅନ୍ତର୍ଭୁକ୍ତ କରିବା ସହିତ ମୌଳିକ କର୍ତ୍ତବ୍ୟ ପାଳନ ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି ।
- ସମ୍ବିଧାନ ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶନ ଦେଉଛି, କହିଲେ ପ୍ରଧାନମନ୍ତ୍ରୀ ।
- ରାଜ୍ୟସଭାରେ ଖାଲି ପଡ଼ିଥିବା ୬ଟି ଆସନ ପାଇଁ ଉପନିର୍ବାଚନ କାର୍ଯ୍ୟସୂଚୀ ଘୋଷିତ ।
- ଓଡ଼ିଶା ବିଧାନସଭାରେ ଚଳିତ ଆର୍ଥିକ ବର୍ଷ ପାଇଁ ୧୨ ହଜାର ୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ପାକିସ୍ତାନ ତେହେରିକ୍ ଏ ଇନ୍‌ସାଫ୍ ସଦସ୍ୟଙ୍କ ହିଂସାକାଣ୍ଡକୁ ରୋକିବା ଲକ୍ଷ୍ୟରେ ଇସଲାମାବାଦରେ ସେନା ମୁତୟନ ।

# ପ୍ରେଜ୍-କନ୍ଷ୍ଟିଚ୍ୟୁସନ ଡେ

ସାମ୍ବିଧାନିକ ଆଦର୍ଶକୁ ନିଜ ଆଚରଣରେ ଅନ୍ତର୍ଭୁକ୍ତ କରିବା ସହିତ ମୌଳିକ କର୍ତ୍ତବ୍ୟ ପାଳନ ଏବଂ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ସମ୍ବିଧାନ ସଦନ କେନ୍ଦ୍ରୀୟ ହଲ୍‌ରେ ସମ୍ବିଧାନ ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରି ରାଷ୍ଟ୍ରପତି ଏହା କହିଛନ୍ତି ।  ସେ କହିଛନ୍ତି, ଦେଶବାସୀଙ୍କୁ ଉନ୍ନତ ଜୀବନଧାରଣର ମାନ ପ୍ରଦାନ କରିବା ପାଇଁ କାର୍ଯ୍ୟ ପାଳିକା, ବିଧାନସଭା ଏବଂ ନ୍ୟାୟ ପାଳିକା ମିଳିତ ଭାବେ କାର୍ଯ୍ୟ କରିବା ଉଚିତ୍ । ଭାରତର ସମ୍ବିଧାନ ଏକ ସକ୍ରିୟ ଏବଂ ପ୍ରଗତିଶୀଳ ଦସ୍ତାବିଜ ବୋଲି ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ସମାଜର ସବୁ ବର୍ଗ ବିଶେଷକରି ଦୁର୍ବଳ ଶ୍ରେଣୀଙ୍କ କଲ୍ୟାଣ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଲୋକସଭା ଓ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳା ସଂରକ୍ଷଣ ସଂପର୍କିତ ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିଛି ।

ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି, ଆଜି ହେଉଛି ଏକ ଐତିହାସିକ ଦିନ । ଦେଶ ସମ୍ବିଧାନ ଗ୍ରହଣର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି । ବିଶ୍ୱର ସର୍ବବୃହତ ଏବଂ ସକ୍ରିୟ ଗଣତନ୍ତ୍ର ପାଇଁ  ଏହା

ଏକ ଉଲ୍ଲେଖନୀୟ ଉପଲବ୍ଧି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଦେଶର ଅର୍ଥନୈତିକ ଅଭିବୃଦ୍ଧି, ସୁଦୃଢ଼ ଭିତ୍ତିଭୂମି ଓ ବ୍ୟାପକ ଡିଜିଟାଲ୍ ବ୍ୟବସ୍ଥା ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତି ପ୍ରଦାନ କରିଛି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଦେଶର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ସମ୍ବିଧାନ ଉଚିତ୍ ମାର୍ଗଦର୍ଶନ କରିଛି ।

ଏହି ଅବସରରେ ରାଷ୍ଟ୍ରପତି  ଏକ ସ୍ମାରକୀ ଡାକ ଟିକଟ ଓ ମୁଦ୍ରା ଉନ୍ମୋଚନ କରିଛନ୍ତି ।

ଆୟୋଜିତ ସମାରୋହରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,  କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ନେତା, ସାଂସଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ସମ୍ବିଧାନ ଦିବସ

ଭାରତ ଆଜି ପରିବର୍ତ୍ତନର ଯୁଗ ଦେଖୁଛି। ଏଥିପାଇଁ ସମ୍ବିଧାନ ବର୍ତ୍ତମାନ ଓ ଭବିଷ୍ୟତର ମାର୍ଗଦର୍ଶନ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସୁପ୍ରିମକୋର୍ଟରେ ଆଜି ଅନୁଷ୍ଠିତ ସମ୍ବିଧାନ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ କହିଛନ୍ତି ସମ୍ବିଧାନ ପ୍ରଣୟନ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ପୂର୍ବରୁ ଜାଣିଥିଲେ, ସମୟ ସହିତ ଭାରତ ଆକାଂକ୍ଷା ଓ ସ୍ୱପ୍ନର ନୂଆ ଶିଖରକୁ ପହଞ୍ଚିବ। ସେଥିପାଇଁ ସମ୍ବିଧାନରେ ସମୟ ସମୟରେ ପରିବର୍ତ୍ତନର ପରିସରକୁ ସେମାନେ ବ୍ୟାପକ କରିଛନ୍ତି।

ସମ୍ବିଧାନ’ ପ୍ରଣୟନର ୭୫ ବର୍ଷରେ ପଦାର୍ପଣ କରିଛି। ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। **V/O**

# ପ୍ରେଜ୍‌-ତାମିଲନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଚାରିଦିନିଆ ତାମିଲନାଡୁ ଗସ୍ତରେ ଯିବେ । ୱେଲିଂଟନ୍ ସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାପ୍ କଲେଜ୍‌ର ଅଧ୍ୟାପକ ଏବଂ ଶିକ୍ଷାର୍ଥୀଙ୍କୁ ଆସନ୍ତାକାଲି ସମ୍ବୋଧନ କରିବେ । ଉଦୟଗିରି ସ୍ଥିତ ରାଜଭବନରେ ନୀଳଗିରି ଜିଲ୍ଲାର ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଗୁରୁବାର ଦିନ ରାଷ୍ଟ୍ରପତି ଆଲୋଚନାର କରିବାର କାର୍ଯ୍ୟସୂଚୀ ରହିଛି । ଥିରୁଭାରୁର୍ ସ୍ଥିତ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଆସନ୍ତା ଶୁକ୍ରବାର ଦିନ ରାଷ୍ଟ୍ରପତି ଯୋଗଦେବେ ।

# ରାଜ୍ୟସଭା-ଉପନିର୍ବାଚନ

ଭାରତୀୟ ନିର୍ବାଚନ ଆୟୋଗ ରାଜ୍ୟସଭାରେ ଖାଲି ପଡ଼ିଥିବା ୬ଟି ଆସନ ପାଇଁ ଉପନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ସେଥିମଧ୍ୟରେ ଆନ୍ଧ୍ରପ୍ରଦେଶର ତିନୋଟି ଏବଂ ଓଡ଼ିଶା, ପଶ୍ଚିମବଙ୍ଗ ଓ ହରିଆଣାର ଗୋଟିଏ ଲେଖାଏଁ ଆସନ ଅନ୍ତର୍ଭୁକ୍ତ । ଆସନ୍ତା ମାସ ୩

ତାରିଖରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ୧୦ ତାରିଖ ସୁଦ୍ଧା ନାମାଙ୍କନପତ୍ର ଦାଖଲର ସମୟସୀମା ଧାର୍ଯ୍ୟ କରାଯାଇଛି । ୨୦ ତାରିଖରେ ମତଦାନ ସହ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଆନ୍ଧ୍ରପ୍ରଦେଶର ଭେଙ୍କଟରମଣା ରାଓ ମୋପିଦେବି, ବୀଡ଼ା ମସ୍ତାନ ରାଓ ଯାଦବ ଏବଂ ର୍ୟାଗା କ୍ରିଷ୍ଣେୟା, ଓଡ଼ିଶାରୁ ସୁଜିତ କୁମାର, ପଶ୍ଚିମବଙ୍ଗରୁ ଜହ୍ୱର ସିରକାର୍ ଏବଂ ହରିଆଣାରୁ କ୍ରିଶନ୍ ଲାଲ ପନୱାର୍‌ଙ୍କ ଇସ୍ତଫା ଯୋଗୁଁ ଏହି ଆସନଗୁଡ଼ିକ ଖାଲି ପଡ଼ିଛି ।

## ବିଧାନସଭା-ଓଡ଼ିଶା

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠୁ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ତଥା ଅର୍ଥ ମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଚଳିତ ଆର୍ଥିକ ବର୍ଷ ପାଇଁ ୧୨ ହଜାର ୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ୧୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ୯୨ କୋଟି, ସିଏପିଏଫ୍ ମୃତୟନ ପାଇଁ ୨୯୯ କୋଟି, ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ୧୩୦ କୋଟି, ଶ୍ରୀମନ୍ଦିର ପରିକ୍ରମାର ବିସ୍ତୃତ ବିକାଶ ପାଇଁ ୨୬ କୋଟି, ଅଗ୍ନିଶମ

ସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୬୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି ।

ସେହିଭଳି ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୨୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା ପାଇଁ ମଧ୍ୟ ବଜେଟରେ ବ୍ୟୟ ଅଟକଳ ହୋଇଛି ।  ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୭୦ କୋଟି, ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ୫୯୨ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ବଜେଟ ଉପସ୍ଥାପନ ପରେ ବାଚସ୍ପତି ଗୃହକୁ ଆସନ୍ତାକାଲି ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

# ଏସ୍‌ସି-ଇଭିଏମ୍

ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଇ.ଭି.ଏମ୍. ବଦଳରେ ବାଲଟ ପେପର ପ୍ରଚଳନ କରିବା ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି । ବିଚାରପତି ଜଷ୍ଟିସ୍ ବିକ୍ରମନାଥ ଏବଂ ଜଷ୍ଟିସ୍ ପି.ବି. ଭାରାଲେଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଇ.ଭି.ଏମ୍. ବଦଳରେ ବାଲଟ ପେପର କାର୍ଯ୍ୟକାରି କରିବାକୁ ନିର୍ବାଚନ କମିଶନ୍‌କୁ ନିର୍ଦ୍ଦେଶ ଦେବା ପାଇଁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା ।

ସୂଚନା ଯୋଗ୍ୟ ପୂର୍ବରୁ ମାର୍ଚ୍ଚ ମାସରେ ଲୋକସଭା ନିର୍ବାଚନ, ବାଲଟ ପେପର ମାଧ୍ୟମରେ କରିବାକୁ ନିର୍ଦ୍ଦେଶ ଦେବା ସଂକ୍ରାନ୍ତ ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ ଗ୍ରହଣ କରିନଥିଲେ ।

## ପାକିସ୍ତାନ-ହିଂସା

ପାକିସ୍ତାନର ଇସଲାମାବାଦରେ ପାକିସ୍ତାନ ତେହେରିକ୍-ଏ-ଇନ୍‌ସାଫ୍ – ପି.ଟି.ଆଇ. ସଦସ୍ୟଙ୍କ ହିଂସାକାଣ୍ଡକୁ ରୋକିବା ଲକ୍ଷ୍ୟରେ ଆଜି ସେନା ମୁତୟନ କରାଯାଇଛି । ଏହି ହିଂସାତ୍ମକ ଘଟଣାରେ ୬ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ପରେ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ହିଂସାକାଣ୍ଡରେ ଜଡ଼ିତ ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆବଶ୍ୟକ ସ୍ଥଳେ ଗୁଳି ଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ତାନ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି ହୋଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ଆବଶ୍ୟକ ପଡ଼ିଲେ କର୍ଫ୍ୟୁ ଜାରି କରିବାକୁ ସେନାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଯୋଗ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସମର୍ଥକ ପି.ଟି.ଆଇ. ସଦସ୍ୟମାନେ ରାଜଧାନୀର ଡି. ଚୌକ୍ ଅଭିମୁଖେ ଯାତ୍ରା ଜାରି ରଖିଛନ୍ତି । ସରକାର ଏବଂ ପି.ଟି.ଆଇ. ନେତାଙ୍କ ମଧ୍ୟରେ ଦ୍ୱିତୀୟ

ପର୍ଯ୍ୟାୟ ଆଲୋଚନା ମଧ୍ୟ ବିଫଳ ହୋଇଥିବା ଜଣାପଡ଼ିଛି । ଏହି ହିଂସାକାଣ୍ଡରେ ଦୁଇ ଜଣ ପୁଲିସ୍ ଅଧିକାରୀ ଏବଂ ଚାରିଜଣ ପାକିସ୍ତାନୀ ରେଞ୍ଜରଙ୍କର ମୃତ୍ୟୁ ହୋଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ବାଂଲାଦେଶ

ବାଂଲାଦେଶ ସମ୍ମିଲିତା ସନାତନି ଜାଗରଣ ମଞ୍ଚର ମୁଖପାତ୍ର ଚିନ୍ମୟ ପ୍ରଭୁଙ୍କ ଖଲାସ ଦାବି କରି ଚିଟ୍ଟାଗଙ୍ଗ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପାଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଇସକନ୍ ପୁଣ୍ଡ୍ରିକ୍ ଧାମ୍‌ର ଚିନ୍ମୟ କ୍ରିଷ୍ଣ ଦାସ ବ୍ରହ୍ମଚାରୀଙ୍କ ଅନୁଗାମୀଙ୍କ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଲାଠିଚାର୍ଜ ଏବଂ ଅଳ୍ପ ପ୍ରତିକ୍ରିୟାଶୀଳ ଗ୍ରେନେଡ୍ ମାଡ଼ କରାଯାଇଥିଲା ।

ସୂଚନା ଯୋଗ୍ୟ ଚିଟ୍ଟାଗଙ୍ଗ ଅଭିମୁଖେ ଯିବା ପାଇଁ ଢାକା ବିମାନ ବନ୍ଦରରେ ଉପସ୍ଥିତ ଥିବା ଚିନ୍ମୟ ପ୍ରଭୁଙ୍କୁ ପୁଲିସ ଗତ ସୋମବାର ଦିନ ଗିରଫ୍ କରିଥିଲା । ଅଦାଲତ ତାଙ୍କ ଜାମିନ୍ ଆବେଦନକୁ ଖାରଜ କରି ଜେଲ୍‌କୁ ପଠାଇ ଦେଇଥିଲେ । ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ଅଧିକାର ନେଇ ଇସକନ୍ ପୁଣ୍ଡ୍ରିକ୍ ଧାମର ଚିନ୍ମୟ କୃଷ୍ଣ ଦାସ ୮ ଦଫା ସମ୍ବଳିତ ଦାବି ଉପସ୍ଥାପନ କରିଥିଲେ । ଚିନ୍ମୟ ପ୍ରଭୁଙ୍କ ଗିରଫ୍‌କୁ ବିରୋଧ କରି ଢାକା, ରଙ୍ଗପୁର, ଖୁଲନା, କକ୍ସ ବଜାର ସମେତ ଅନ୍ୟାନ୍ୟ ଅଞ୍ଚଳରେ ର୍ୟାଲିମାନ ଆୟୋଜନ କରାଯାଇଥିଲା । ଚିଟ୍ଟାଗଙ୍ଗର ଲାଲଦୀଘି ମଇଦାନରେ ଏକ ସାଧାରଣ ସଭାରେ ବାଂଲାଦେଶ ସରକାରୀ

ପତାକା ଉପରେ ଗେରୁଆ ପତାକା ଉତ୍ତୋଳନ ଅଭିଯୋଗ ନେଇ ଗତ ଅକ୍ଟୋବର ୩୦ ତାରିଖରେ ଚିଟ୍ଟାଗଙ୍ଗ ପୁଲିସ୍ ପକ୍ଷରୁ ଚିନ୍ମୟ ପ୍ରଭୁଙ୍କ ସମେତ ୧୮ ଜଣଙ୍କ ବିରୁଦ୍ଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି ।

## ଏନ୍ଆଇଏ-ମଣିପୁର

ମଣିପୁରରେ ସମ୍ପ୍ରତି ସଂଘଟିତ ହିଂସାକାଣ୍ଡ ପରିପ୍ରେକ୍ଷୀରେ ରୁଜୁ ହୋଇଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ତଦନ୍ତ ଆରମ୍ଭ କରିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ମାମଲା ଗୁଡ଼ିକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେବା ପରେ ଏନ୍.ଆଇ.ଏ. ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଭାରତୀୟ ନ୍ୟାୟ ସଂହିତା, ଅସ୍ତ୍ରଶସ୍ତ୍ର ଆଇନ୍ ଏବଂ ବେଆଇନ୍ କାର୍ଯ୍ୟକଳାପ ନିବାରଣ ଆଇନ୍‌ର ଧାରା ଅନୁଯାୟୀ ଗତ ୧୩ ତାରିଖରେ ମାମଲା ଗୁଡ଼ିକୁ ପୁନଃ ପଞ୍ଜିକୃତ କରାଯାଇଛି । ଏନ୍.ଆଇ.ଏ. ଗତ ୨୧ ଏବଂ ୨୨ ତାରିଖରେ କ୍ଷେତ୍ରୀୟ ପରିଦର୍ଶନ କରିଥିଲା ।  ଏହି ମାମଲା ଗୁଡ଼ିକର ନଥିପତ୍ର ସ୍ଥାନୀୟ ପୁଲିସ୍ ଏନ୍.ଆଇ.ଏ.କୁ ହସ୍ତାନ୍ତର କରିଛି ।

# କୋଲ-ବିୟରିଂ ଏରିଆ

କୋଲ ବିୟରିଂ ଏରିଆ ଅଧିଗ୍ରହଣ ଏବଂ ବିକାଶ ସଂଶୋଧନ ବିଲ୍ ୨୦୨୪ ପ୍ରସ୍ତାବିତ ଚିଠା ଉପରେ କୋଇଲା ମନ୍ତ୍ରଣାଳୟ ମତାମତ ଆହ୍ୱାନ କରିଛି । ଏହି ଚିଠା ପ୍ରସ୍ତାବ କୋଇଲା ମନ୍ତ୍ରଣାଳୟର ୱେବ୍‌ସାଇଟ୍ **coal.nic.in**ରେ ଉପଲବ୍ଧ ଅଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।